## ସଂକ୍ଷେପରେ

### ଧରାକୋଟରେ ନୂଆ ତହସିଲଦାର

ଧରାକୋଟ,୧୨।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଦୁଇମାସ ହେଲା ଖାଲି ପଡିଥିବା ଧରାକୋଟ ତହସିଲଦାର ପଦବୀ ପୂରଣ ହୋଇଛି। ଦେବଗଡ ଜିଲାର ଡେପୁଟି କଲେକ୍ଟର ଥିବା ଲମ୍ବୋଦର ମାରାଣ୍ଡିଙ୍କୁ ରାଜ୍ୟ ସରକାର ଧରାକୋଟ ତହସିଲଦାର ଭାବରେ ବଦଳି କରିବା ପରେ ସେ ଆସି କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ସୁପରଭାଇଜର ସୁଜ୍ଞାନୀ ବେହେରା, ମୁଖ୍ୟ କିରାଣି କାଳନ୍ଦି ପାତ୍ର, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ରବୀନ୍ଦ୍ର ଗୌଡ଼, ଲକ୍ଷ୍ମଣ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ। ରାଜସ୍ୱ ସେବାକୁ ତ୍ୱରାନ୍ୱିତ କରି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ କରିବେ ବୋଲି ନୂଆ ତହସିଲଦାର ପ୍ରକାଶ କରିଛନ୍ତି।

### ୟୁନିୟନ ବ୍ୟାଙ୍କର ମୁଦ୍ରା ବିନିମୟ ମେଳା

ଛତ୍ରପୁର,୧୨।୧୨ (ଦିଲ୍ଲୀପ ସାମଲ): ଛତ୍ରପୁର ମେନ ରୋଡ଼ଠାରେ ଥିବା ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ମଙ୍ଗଳବାର ମୁଦ୍ରା ଓ ନୋଟ ବିନିମୟ ମେଳା ଅନୁଷ୍ଠିତ ହୋଇଛି। ବ୍ୟାଙ୍କ ଶାଖା ପରିଚାଳକ ନଳିନୀ ରଞ୍ଜନ ସାହୁ ଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ଥାନୀୟ ଜନସାଧାରଣଙ୍କ ଠାରୁ ଅଚଳ ମୁଦ୍ରା ଓ ପୁରୁଣା ଚିରା ଫଟା ନୋଟ ନେଇ ପ୍ରତି ବଦଳରେ ସେମାନଙ୍କୁ ନୂତନ ଟଙ୍କା ପ୍ରଦାନ କରିଥିଲେ। ଲମ୍ବା ଲାଇନ ଲଗାଇ ଅନେକ ଲୋକ ସେମାନଙ୍କ ନୋଟ ବଦଳାଉଥିବା ଦେଖିବାକୁ ମିଳିଥିଲା। ଗୋଟାଏ ଦିନରେ ମୋଟ ୨ ଲକ୍ଷ ୧୦ ହଜାର ଟଙ୍କା ବଦଳି କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି।

### ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଛତ୍ରପୁର,୧୨।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଏହାର ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଥଲେଟିକ ଆସୋସିଏସନର ଯୁଗ୍ମ ସଚିବ ଅଶୋକ କୁମାର ସାହୁଲ, ସମ୍ମାନିତ ଅତିଥି ଅନ୍ତର୍ଜାତୀୟ ବଡିବିଲଡର ବଲାଲ ଖାଁ ଯୋଗ ଦେଇଥିଲେ। ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଚିତ୍ରା ପାଣିଗ୍ରାହୀ ସଭାପତିତ୍ୱ କରିଥିଲାବେଳେ ବରିଷ୍ଠ ଶିକ୍ଷକ ବାଉରୀ ବନ୍ଧୁ ପଣ୍ଡା, ବରିଷ୍ଠ ଖେଳ ଶିକ୍ଷୟତ୍ରୀ ସୁଜାତା ପାତ୍ର ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଅରୁଣ କୁମାର ମାନସିଂହ ଓ ନିକଟସ୍ଥ ବିଦ୍ୟାଳୟର ଖେଳ ଶିକ୍ଷକମାନେ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ।

### କୂଅରେ ପଡ଼ିଥିବା ମହିଳା ଉଦ୍ଧାର

ଖଜୁରିପଡ଼ା,୧୨।୧୨(ବିଦୁର ବେହେରା) ଖଜୁରିପଡ଼ା ଅଗ୍ନିଶମ ବାହିନୀ କୂଅରେ ପଡ଼ିଥିବା ଜଣେ ମହିଳାଙ୍କୁ ସୋମବାର ମଧ୍ୟରାତ୍ରିରେ ଉଦ୍ଧାର କରିଛି। ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ କୁଟିବାରି ଗାଁରେ ସଂଯୁକ୍ତ ପ୍ରଧାନ (୫୦) ରାତ୍ରି ପ୍ରାୟ ୧୨ଟା ବେଳେ ବାହାରକୁ ଯିବା ସମୟରେ ଝୁଣ୍ଟି ପଡ଼ି ମୁକୁଳା କୂଅ ଭିତରେ ପଡ଼ି ଯାଇଥିଲେ। ଖଜୁରିପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ମହିଳାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଫୁଲବାଣୀ ମେଡିକାଲକୁ ପଠାଯାଇଥିବା ଅଗ୍ନିଶମ ବାହିନୀର ଗୌରୀ ଶଙ୍କର ଝାଙ୍କର ସୂଚନା ଦେଇଛନ୍ତି।

# ଯୁବଗୋଷ୍ଠୀ ସଶକ୍ତୀକରଣ ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ




ଫୁଲବାଣୀ, ୧୨।୧୨(ରାକେଶ କୁମାର ରାଉତ) ଫୁଲବାଣୀ ସ୍ଥିତ ସରକାରୀ ବହୁବୃତ୍ତି ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ନୂତନ ଉନ୍ନତ ଅଭିଳାଷା(ନୂଆ-ଓ) ଯୁବ ବିକାଶ କାର୍ଯ୍ୟକ୍ରମ ଅଧିନରେ ମଙ୍ଗଳବାର କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ଯୁବ ଗୋଷ୍ଠୀର ସଶକ୍ତୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର କହିଛନ୍ତି ଏହି କାର୍ଯ୍ୟକ୍ରମ ଅଧିନରେ ସରକାର ଦକ୍ଷତା ବୃଦ୍ଧି ପାଇଁ କେତେଗୁଡ଼ିକ ପ୍ରକଳ୍ପ ହାତକୁ ନେଇଛନ୍ତି । ସେଥିରୁ ଗୋଟିଏ ପ୍ରକଳ୍ପ ଏହି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଛି । କନ୍ଧମାଳ ଜିଲାରେ ୨୪୦ ଜଣ ଛାତ୍ରଛାତ୍ରୀଙ୍କୁ ଗାୟତ୍ରୀ ଚାରିଟେବଲ ଓ ଏଜୁକେସନାଲ ଟ୍ରଷ୍ଟ ଦ୍ୱାରା ସୋଲାର୍ ପାନେଲ ଇନଷ୍ଟାଲେସନ ଟେକ୍ନିସିଆନ ଟ୍ରେଡ ପାଇଁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ କାଉନ୍ସିଲିଙ୍ଗ ହୋଇସାରିଛି। ସେହିପରି ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପ୍ରତିବର୍ଷ ରାଜ୍ୟର ୨୦ହଜାର ଆଇ.ଟି.ଆଇ. ଛାତ୍ରୀଛାତ୍ରମାନଙ୍କ ପାଇଁ ଏନ୍.ଆଇ.ଓ.ଏସ. ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି. ଯାହା ଫଳରେ ସେମାନେ ଆଇ.ଟି.ଆଇ. ସାର୍ଟିଫିକେଟ ସହିତ ଏନ.ଆଇ.ଓ.ଏସ. ଦ୍ୱାଦଶ ଶ୍ରେଣୀ ପାସ ସାର୍ଟିଫିକେଟ ପାଇପାରିବେ। ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରିବା ପାଇଁ ରେଗୁଲାର ଆଇ.ଟି.ଆଇ. ପାଠ୍ୟକ୍ରମ ସହିତ ନୂତନ ସ୍ୱଳ୍ପ ମିଆଦୀ ପାଠ୍ୟକ୍ରମର ବ୍ୟବସ୍ଥା କରାଯାଇଛି. ଯେଉଁଥିରେ ବାର୍ଷିକ ୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ । କନ୍ଧମାଳ ଜିଲାରେ ବୈଷୟିକ ଶିକ୍ଷା ପ୍ରତି ଝିଅମାନଙ୍କର ଆଗ୍ରହ ବୃଦ୍ଧିପାଇବାରେ ଲାଗିଛି ଯାହା ଜିଲ୍ଲା ପାଇଁ ଶୁଭ ସଂକେତ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣିତ ଓ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରତିଭା ପାତ୍ର, ଅନୁଷ୍ଠାନର ପ୍ରଶିକ୍ଷଣ ଓ ନିଯୁକ୍ତି ଅଧୀକ୍ଷକ ବି.ଏନ୍. ପାଣିଗ୍ରାହୀ ମଧ ସେମାନଙ୍କ ମନ୍ତବ୍ୟ ରଖିଥିଲେ। ତୃପ୍ତି ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପି.ଆର୍. ସାମନ୍ତରାୟ ସହଯୋଗ କରିଥିଲେ।

# ପୂର୍ବତନ ସମବାୟ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ

## ଲାଞ୍ଚ କାରବାର ମାମଲା

ଫୁଲବାଣୀ,୧୨।୧୨(ରାକେଶ କୁମାର ରାଉତ)

ଏକ ଲାଞ୍ଚ କାରବାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମରବିଳାସ ବେହେରା ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫ ହଜାର ଜରିମାନା ଏବଂ ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲିଗୁଡା ଏଆର୍‌ସିଏସ୍ କାର୍ଯ୍ୟାଳୟର ତତ୍କାଳୀନ ସମବାୟ ନୀରିକ୍ଷକ ସୀତେଶ ରଞ୍ଜନ ଦାସ।

୨୦୧୮ ମସିହାରେ ସିତେଶ ରାଇକିଆ ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ଦୁଇଟି ଦୋକାନ ଘରର ଆବଣ୍ଟନ ନବୀକରଣ ପାଇଁ ହିତାଧିକାରୀ ବ୍ରଜ କିଶୋର ବେହେରାଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ବ୍ରଜକିଶୋର ଅକ୍ଟୋବର ୯ ତାରିଖରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପରଦିନ ସୀତେଶ ଏହି ଟଙ୍କା ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୪୫/୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ। ସୀତେଶ ଏବେ ଫୁଲବାଣୀ ଏଆର୍‌ସିଏସ୍ କାର୍ଯ୍ୟାଳୟରେ ସମବାୟ ନୀରିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

# ପାଣ୍ଡିଆନଙ୍କ ଗସ୍ତ ପାଇଁ ବିଜେଡିର ବୈଠକ



ବ୍ରହ୍ମପୁର,୧୨।୧୨(ନରସିଂହ ସାହୁ) ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗଞ୍ଜାମ ଗସ୍ତ ଲାଗି ଜିଲା ବିଜେଡିର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ବ୍ରହ୍ମପୁର ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖରେ ପାଣ୍ଡିଆନ ପ୍ରଥମେ ବ୍ରହ୍ମପୁରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତକୁ ସଫଳ କରିବା ନିମନ୍ତେ ହୋଇଥିବା ବୈଠକରେ ବିଜେଡି ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଯୋଗ ଦେଇଥିଲେ। ଅର୍ଥମନ୍ତ୍ରୀ ବିକ୍ରମ ଆରୁଖ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଅନୁପସ୍ଥିତ ଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଛତ୍ରପୁର ବିଧାୟକ ସୁବାସ ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୪ ନିର୍ବାଚନ ପୂର୍ବରୁ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀଙ୍କୁ ଦଳରେ ଉପେକ୍ଷା କରାଯାଉଥିବା ବେଳେ ବବି ଦାସଙ୍କ ଏହି ବୈଠକରେ ତାଙ୍କ ଉପସ୍ଥିତି ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ପାଣ୍ଡିଆନ ବ୍ରହ୍ମପୁର ବଡ଼ ମେଡିକାଲ, ବୁଢ଼ୀ ଠାକୁରାଣୀ ମନ୍ଦିର ଏବଂ ଗୋପାଳପୁର ଓ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଯିବାର କାର୍ଯ୍ୟକ୍ରମ ଥିବା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି।

### ଗରିବଙ୍କୁ ଶୀତ ବସ୍ତ୍ର ବଣ୍ଟନ

ରମ୍ଭା,୧୨।୧୨(ବନବାସୀ ସେଠୀ) ଏପିଜେ ଅବଦୁଲ କଲାମ ଚାରିଟେବୁଲ ଟ୍ରଷ୍ଟ ଖଲ୍ଲିକୋଟର ଜନହିତକର କାର୍ଯ୍ୟ କନିଷ୍ଠି ପାଲୁର ହିଲରେ ଅବସ୍ଥିତ ମିଶନ ଆଶ୍ରମ ପରିସରେ ଗରିବ ଅସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ସମସ୍ତ ସଭ୍ୟ, ସାମାଜିକ କର୍ମୀ ରମ୍ଭା ସେବକ ସଂଘ ସଭାପତି ହରେକୃଷ୍ଣ ମଲ୍ଲିକ, ରଞ୍ଜିତା ଦାସ, ସାମାଜିକ କର୍ମୀ ଲକ୍ଷ୍ମୀ ଦାସ, ମହାଦେବ ମଲ୍ଲିକ, ସ୍ୱାଗତିକା ଆଚାର୍ଯ୍ୟଙ୍କ ସହଯୋଗରେ ୧୦୪ ଜଣଙ୍କୁ ଶୀତବସ୍ତ୍ର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଜିଓ ମାମିର ସଦସ୍ୟ ଶୁଭମ କୁମାର ବେହେରା, ନିରଞ୍ଜନ ସାହୁ, ଦିବ୍ୟ ଲୋଚନ ସାହୁ, ସୁରେଶ କୁମାର ରାଉତରାୟଙ୍କ ସହଯୋଗରେ କାର୍ଯ୍ୟକ୍ରମଟିକୁ ପୂର୍ଣ୍ଣ ସଫଳତା ପ୍ରଦାନ କରିଥିଲା ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ପୌରପାଳିକାରେ ଦୁର୍ନୀତି ଅଭିଯୋଗ

## କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୧୨।୧୨(ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପାଳିକା ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛି କଂଗ୍ରେସ। ଏହାର ସ୍ୱତନ୍ତ୍ର ଅଡିଟ ପାଇଁ ଜିଲା କଂଗ୍ରେସ କମିଟି ତରଫରୁ ଏକ ସ୍ମାରକ ପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବର୍ତ୍ତମାନ ଓ ପୂର୍ବତନ ପୌର ନିର୍ବାହୀ ଅଧିକାରୀଙ୍କ ସମୟରେ ବହୁ ବେନିୟମ କାର୍ଯ୍ୟ ହୋଇଛି। ବିଭିନ୍ନ ମହିଳା ମଣ୍ଡଳଗୁଡିକୁ ଏକାଧିକ କାର୍ଯ୍ୟ ଦେଇ, କାର୍ଯ୍ୟକୁ ଅଣଦେଖା କରି ବିଲ ପ୍ରଦାନ କରାଯାଇଛି। କୋଭିଡ ସମୟର କାର୍ଯ୍ୟଗୁଡିକୁ ମଧ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଯାଉ ବୋଲି ନଗର କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଏହି ପୌର ସଂସ୍ଥାରେ ବହୁ ଦିନ ଧରି ଅନେକ କର୍ମଚାରୀ ରହିଛନ୍ତି, ସେମାନେ ଗୋଟିଏ ସ୍ଥାନରେ ରହି ବହୁ ଦୁର୍ନୀତି ରେ ଲିପ୍ତ ରହିଥିବା ନଗର କଂଗ୍ରେସ ପକ୍ଷରୁ କୁହାଯାଇଛି। ରାସ୍ତା ମରାମତି ଏବଂ ଡ୍ରେନେଜ ସିଷ୍ଟମରେ ହୋଇଥିବା ବହୁ କାର୍ଯ୍ୟ ବିନା ଟେଣ୍ଡରରେ କରାଯାଇଛି। ସେଥିପାଇଁ ଏସବୁ ନିମ୍ନମାନର ହୋଇଛି। ଏସବୁ କାମର ବିଧିବଦ୍ଧ ତଦନ୍ତ ଆବଶ୍ୟକ, ସେଥିପାଇଁ ଏକ ସ୍ୱତନ୍ତ୍ର ଅଡିଟ କରାଯାଉ ବୋଲି ଦାବି କରି ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ ଏବଂ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟାନୁଷ୍ଠାନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରିବା ସହ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଦୋକାନଘର ଆବଣ୍ଟନ ପାଇଁ ଲଟେରି ହେବ

ଆର.ଉଦୟଗିରି,୧୨।୧୨(ମନୋଜ କୁମାର ପାଢ଼ୀ):

ଗଜପତି ଜିଲା ଆର.ଉଦୟଗିରି ବସଷ୍ଟାଣ୍ଡଠାରେ ନିର୍ମାଣ ହୋଇଥିବା ଦୋକାନ ଗୃହ ଆବଣ୍ଟନ ନେଇ କିଛିଦିନ ଧରି ବିବାଦ ଲାଗି ରହିଥିଲା। ମଙ୍ଗଳବାର ଏହି ବିବାଦର ଏକ ପ୍ରକାର ସମାଧାନର ରାସ୍ତା ବାହାରିଥିବା ଜଣାପଡ଼ିଛି। ଲଟେରି ମାଧ୍ୟମରେ ଏଗୁଡ଼ିକୁ ଆବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି।

ପ୍ରକାଶ ଯେ, ଦୋକାନ ଆବଣ୍ଟନରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଥିଲା। କିଛି ନିର୍ଦ୍ଦିଷ୍ଟ ଦଳର କର୍ମୀ ଓ ନେତାଙ୍କୁ ଦୋକାନ ମିଳିଥିବାରୁ ଏହାର ପ୍ରତିବାଦରେ ଗ୍ରାମର ଯୁବକ ସଂଘ ବସଷ୍ଟାଣ୍ଡ ହୋଇଥିବା ଦୋକାନ ଘର ଆବଣ୍ଟନକୁ ରଦ୍ଦ କରିବା ସହ ଲଟେରି କରି ବଣ୍ଟନ କରିବାକୁ ଦାବି କରିଥିଲେ। କିଛି ଦିନ ତଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ସହ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସତ୍ତ୍ୱେ ଏହାର କୌଣସି ସମାଧାନ ନ ହେବାରୁ ସ୍ଥାନୀୟ ଯୁବକ ସଂଘ ବ୍ଲକସ୍ତରୀୟ ଗଜପତି ମହୋତ୍ସବ ଗ୍ରାମର ଶିବ ମନ୍ଦିର ପଡିଆରେ ନ କରିବା ପାଇଁ ଜିଦ୍ ଧରି ବସିଥିଲେ। ଏହାକୁ ନେଇ ବ୍ଲକ ପ୍ରଶାସନ ଏବଂ ଗ୍ରାମର ଯୁବକ ସଂଘ ମଧ ବାରମ୍ବାର ବୈଠକ କରିଥିଲେ ମଧ କୌଣସି ସମାଧାନ ହୋଇନଥିଲା। ତେବେ ଉତ୍ସବ ପାଖେଇ ଆସୁଥିବାରୁ ପୁଣି ସୋମବାର ବିଡିଓଙ୍କ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ବଣିକ ସଂଘ ସଭାପତି ଗିରିଜା ଶଙ୍କର ନାୟକ ଏବଂ ଯୁବକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ସରିବା ପରେ ୨୨ ତାରିଖରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବିଡିଓ, ତହସିଲଦାର, ଥାନା ଅଧିକାରୀ, ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟା/ ସଭ୍ୟ, ଗ୍ରାମର ବୁଦ୍ଧିଜୀବୀ, ବଣିକ ସଂଘ ସଭ୍ୟ ଓ ଯୁବକ ସଂଘର ସଦସ୍ୟ ନେଇ ବୈଠକ କରି ଏହାର ତର୍ଜମା କରାଯିବା ସହ ଦୋଷୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ। ଏଥିସହିତ ଦୋକାନ ଘର ଆବଣ୍ଟନକୁ ରଦ୍ଦ କରି ଲଟେରି ମାଧ୍ୟମରେ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସାମୂହିକ ଭାବେ ସମାଧାନ ହୋଇଛି। ଏହା ପରେ ଯୁବକ ସଂଘର ସଦସ୍ୟ ଗଜପତି ମହୋତ୍ସବ କରିବା ପାଇଁ ରାଜି ହୋଇଥିଲେ।



ଦୋକାନ ଘର ଆବଣ୍ଟନ ଅନିୟମିତତା ନେଇ ଅଧ୍ୟକ୍ଷ ସହ ଯୁବକ ସଂଘର ବୈଠକ

### ଉଦୟ ପ୍ରତାପ ବିଜ୍ଞାନ କଲେଜରେ କ୍ରିଡ଼ା ଉତ୍ସବ

ଶେରଗଡ, ୧୨।୧୨(ସୂର୍ଯ୍ୟନାରାୟଣ ଦାଶ): ଶେରଗଡସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରିଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଉପେନ୍ଦ୍ର ବାଡତ୍ୟା ଶୁଭାରମ୍ଭ କରିଥିଲେ। କ୍ରିଡା ଶିକ୍ଷକ ସୁଧାଂଶୁ ମୋହନ ପ୍ରଧାନଙ୍କ ସଂଯୋଜନା କରିଥିଲେ। ନୋଡାଲ ଅଧିକାରୀ ମନୋଜ କୁମାର ପଣ୍ଡା କ୍ରିଡା ସଂଚାଳନ କରିଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରିକେଟ, ଭଲିବଲ, ଫୁଟବଲ, ଖୋକୋ, କବାଡି, ଦୌଡ଼, ଚେସ, ବ୍ୟାଡମିଣ୍ଟନ ପ୍ରତିଯୋଗିତା କରାଯାଇଥିଲା। ପ୍ରତି ବିଭାଗର କୃତୀ ପ୍ରତିଯୋଗୀ ଚୟନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ୍ତୋଳନରେ ଜାତୀୟ ପୁରସ୍କାର ବିଜେତା ଦେବାଶିଷ ମହାନ୍ତି ଯୋଗଦେଇ ଥିବାବେଳେ, ଆମ ଓଡିଶା ଓ ନବୀନ ଓଡିଶା କଲେଜ ନୋଡାଲ ଅଧିକାରୀ ଡ. ଶିବାଜୀ ପାତ୍ର, ସନ୍ତୋଷ କୁମାର ବାଡତ୍ୟା, ସୀତାରାମ ମୁର୍ଣ୍ଣି ପ୍ରମୁଖ ଯୋଗଦେଇ ଥିଲେ। ଛାତ୍ରୀଛାତ୍ରମାନେ ଖେଳୁଆଡ ମନୋଭାବ ରଖି ପ୍ରତିଯୋଗିତାରେ ଭାଗ ନେଲେ ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ।

# ପରିବେଶ ସୁରକ୍ଷା ସଚେତନତା ସଭା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଚିକିଟି,୧୨।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଓଡିଶା ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ତରଫରୁ ଚିକିଟି ମୁଖ୍ୟ ବଜାରରେ ପରିବେଶ ସୁରକ୍ଷା ଉପରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ଚିକିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରାମଶଙ୍କର ପଟ୍ଟନାୟକଙ୍କ ରଚିତ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ନୂଆ-ଓ କାର୍ଯ୍ୟକ୍ରମର ଉପଦେଷ୍ଟା ଡ. ସନ୍ତୋଷ କୁମାର ବକ୍ସିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ ପାଢ଼ୀ ଯୋଗଦେଇ ପରିବେଶ ଦୂଷିତ ଓ ତାର ନିରାକରଣ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଆବାହକ ସନାତନ ଗୌଡ଼, ନୋଡାଲ ଅଫିସର ସୁନିଲ କୁମାର ପଣ୍ଡା, ରାମଶଙ୍କର ପଟ୍ଟନାୟକ ଏବଂ ସ୍ଥାନୀୟ କଳାକାର ପ୍ରଦୀପ କୁମାର ପାଣି ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀ ପ୍ରାଞ୍ଜଳ, ପ୍ରିୟଙ୍କା, ଜିପ୍ସା, ପ୍ରଣିତା, ବୈଷ୍ଣବୀ, ସାଗରିକା, ରାଜେଶ୍ୱରୀ ପ୍ରମୁଖଙ୍କ ଅଭିନୟରେ ନାଟକ ମଞ୍ଚସ୍ଥ ହୋଇଥିଲା।

# ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର

ଦାରିଙ୍ଗବାଡି,୧୨।୧୨(ଅରୁଣ ସାହୁ)- ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ସମେତ ପଡ଼ୋଶୀ କ.ନୂଆଗାଁ ବ୍ଲକରୁ ମଧ ହିତାଧିକାରୀମାନଙ୍କ ଭିଡ଼ ଜମିଥିଲା। ଏଥିରେ ମାନସିକ ଅନଗ୍ରସର ସମେତ ଶ୍ରବଣ ବାଧିତ, ଦୃଷ୍ଟିଶକ୍ତି ବାଧିତ, ଚଳଣି ବାଧିତଙ୍କୁ ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଥିଲା। ହେଲେ ମାନସିକ ଅନଗ୍ରସର ରୋଗୀଙ୍କ ପରୀକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ନିରାଶରେ ଘରକୁ ଫେରିଛନ୍ତି। ଜିଲା ପ୍ରଶାସନ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରତିବର୍ଷ କରୁଥିବା ଏହି ଶିବିରରେ ନାମ ପଞ୍ଜୀକୃତ କରିବା ପରେ ମଧ ହିତାଧିକାରୀ ସମାନ ହଇରାଣ ଭୋଗୁଥିବା କ. ନୂଆଗାଁ ବ୍ଲକରୁ ଆସିଥିବା ହିତାଧିକାରୀଙ୍କ ସମ୍ପର୍କୀୟ ରୋହିତାଶ୍ୱ ପୋଢ଼ କହିଛନ୍ତି । ତାଙ୍କ ଝିଅକୁ ସେ ମାନସିକ ଅନଗ୍ରସର ବିଭାଗରେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଦେଖାଇଥିଲେ, ହେଲେ ତାଙ୍କୁ ଫୁଲବାଣୀ ଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ ସେ ପୂର୍ବରୁ ଏଭଳି ଜିଲାର ବିଭିନ୍ନ ଶିବିରରେ ଯୋଗଦେଇଥିଲେ ମଧ ତାଙ୍କ ଝିଅର ଇତି ମଧ୍ୟରେ ବୟସ ୬ ବର୍ଷ ହୋଇସାରିଲାଣି କିନ୍ତୁ ଦିବ୍ୟାଙ୍ଗ ସରକାରଙ୍କ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ବାଲିଗୁଡା ଉପଜିଲାପାଳ ଏମ୍‌ଏସ୍ ମଧୁମିତାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ବାଲିଗୁଡା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମିତା କୁମାରୀ ପ୍ରଧାନ, ବିଡିଓ ଗଦାଧର ପାତ୍ର, ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜାକେଶ ସାମନ୍ତରାୟ, ବିପିଏମ୍ ଦିଲିପ ବେହେରା ପ୍ରମୁଖ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଶିବିରରେ ମୋଟ ୨୫୪ ଜଣ ରୋଗୀଙ୍କ ପରୀକ୍ଷା କରାଯାଇଛି। କାର୍ଯ୍ୟକ୍ରମକୁ ଦାରିଙ୍ଗବାଡ଼ି ସାମାଜିକ ସୁରକ୍ଷା ଅଧିକାରୀ କ୍ଷେତିସ ପ୍ରିୟଦର୍ଶୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ଯୋଗାଣ ନିରୀକ୍ଷକ ନୀହାର ବେହେରା, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବିପିଏମ୍ ପିଣ୍ଟୁ ନାୟକ ପ୍ରମୁଖ ପରିଚାଳନା କରୁଥିଲେ। ସେହିପରି ଶିବିରରେ ବିଭିନ୍ନ ପ୍ରମାଣପତ୍ର ଯୋଗାଇବା ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଥିଲା। ତା'ର ତଦାରଖ ପାଇଁ ଦାରିଙ୍ଗବାଡି ତହସିଲଦାର ଶରତ ଶବର ଓ ରାଜସ୍ୱ ନିରୀକ୍ଷକମାନେ କାର୍ଯ୍ୟ ସମ୍ପାଦନା କରିଥିଲେ।

# ଅଙ୍ଗନୱାଡିରେ ମିଳୁଛି ନିମ୍ନମାନର ଛତୁଆ

ପୋଲସରା,୧୨।୧୨(ସୁବ୍ରତ ବେହେରା): ଗର୍ଭବତୀ ଓ ପ୍ରସୂତି ମହିଳା ହିତାଧିକାରୀମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଛି। ଏପରି ଘଟଣା ଘଟିଛି ପୋଲସରା ବ୍ଲକ ବାଲିଛାଇ ଗ୍ରାମ ପଞ୍ଚାୟତର ଡୋଙ୍ଗରୀ ଅଙ୍ଗନୱାଡ଼ି କେନ୍ଦ୍ରରେ। ଛତୁଆ ଗଚ୍ଛିତ ରଖିଥିବା ବେଳେ ସେଗୁଡ଼ିକୁ ମୂଷା କାଟି ଦେଇଥିବା ଦାୟିତ୍ୱରେ ଥିବା ଅଙ୍ଗନୱାଡ଼ି ଦିଦି ଓ ଅଭିଭାବକ କହିଛନ୍ତି। ସେହି ଛତୁଆ ପକେଟକୁ ୮ ଦିନ ପରେ ବଣ୍ଟନ କରାଯାଉଛି। ସେହି ଛତୁଆକୁ ଗର୍ଭବତୀ ମହିଳା ଖାଇଲେ ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ରହିଛି। ଫଳରେ ଛତୁଆର ମାନ ଯାଞ୍ଚ କରାଯିବା ନେଇ ଦାବି ଜୋର ଧରିଛି। ଉକ୍ତ କେନ୍ଦ୍ରରେ ୩୫ ଜଣଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ୨୮ ଜଣ ଶିଶୁ ଓ ୭ ଜଣଙ୍କ ଗର୍ଭବତୀ ମହିଳାଙ୍କ ନାମ ପଞ୍ଜୀକୃତ ହୋଇଛି। ଏହା ସହିତ ଡୋଙ୍ଗରି ଗ୍ରାମରେ ଅନେକ ୧୫ ରୁ ୧୯ ବର୍ଷର କିଶୋର ବାଳିକା ରହିଥିବା ବେଳେ ୧୧ ଜଣ ନାମ ପଞ୍ଜିକୃତ କରିଛନ୍ତି ଅଙ୍ଗନୱାଡ଼ି ଦିଦି। ଫଳରେ ଅନେକ କିଶୋର ବାଳିକା ହିତାଧିକାରୀ ରାଜ୍ୟ ସରକାରଙ୍କ ନୂତନ ଯୋଜନାର ଲାଭ ଉଠିବାରେ



## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରୁ ଅନେକେ ବାଦ୍ ପଡ଼ିଛନ୍ତି

ବଞ୍ଚିତ ହେଉଛନ୍ତି। ଡିସେମ୍ବର ୧ରୁ ନୂତନ ଭାବେ 'ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା' ମାଧ୍ୟମରେ ପ୍ରତ୍ୟେକ କେନ୍ଦ୍ରରେ ୧୫ ରୁ ୧୯ ବର୍ଷର କିଶୋର ବାଳିକା ହିତାଧିକାରୀମାନଙ୍କୁ ମସଲା ମୁଢ଼ି, ଚଣା, ଏକ ସପ୍ତାହକୁ ୪ଟି ଅଣ୍ଡା ଦେବା ପାଇଁ ଏହି ନୂତନ ଯୋଜନା ଓଡ଼ିଶାରେ ରାଜ୍ୟ ସରକାର ଲାଗୁ କରିଥିବା ବେଳେ ଅନେକ ହିତାଧିକାରୀ କିଶୋର ବାଳିକାମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଉକ୍ତ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀ କବିତା କୁମାରୀ ଖଟେଇ ଦୀର୍ଘ ୪ ମାସ ଧରି ନିଜର ସ୍ୱାସ୍ଥ୍ୟ ଖରାପ ଥିବା ନେଇ ସେ ଛୁଟିରେ ରହିବା ପରେ ଏକ ମାସ ଧରି ତାଲିମ ପ୍ରଶିକ୍ଷଣ ଶିବିର ପାଇଁ ଯାଇଥିଲେ। ସେ ନିଜର ଛୁଟି ସାରି ନଭେମ୍ବର ୩୦ରେ ନିଜର ଚିଠି ମାଧ୍ୟମରେ କାର୍ଯ୍ୟରେ ଯୋଗ ଦାନ କରିବା ସତ୍ତ୍ୱେ ଦୀର୍ଘ ୯ ଦିନ ବିତିଯାଇଥିଲେ ମଧ ତାଙ୍କୁ ସିଡିପିଓ ଭାରତୀ ମହାପାତ୍ର ଦାୟିତ୍ୱ ହସ୍ତାନ୍ତର କରିନଥିବା ସେ କହିଛନ୍ତି। କେବଳ ସେତିକି ନୁହେଁ ଉକ୍ତ କେନ୍ଦ୍ରକୁ ପାଠ ପଢିବା ପାଇଁ ଆସୁଥିବା ୩ ରୁ ୬ ବର୍ଷ ଶିଶୁମାନଙ୍କୁ ପ୍ରାକ ବିଦ୍ୟାଳୟରେ ସଠିକ୍ ଭାବେ ଶିକ୍ଷା ମିଳି ପାରୁନାହିଁ। ପ୍ରତ୍ୟେକ ଦିନ ଶିଶୁମାନଙ୍କୁ ରୋଷେଇ କରି ଖାଦ୍ୟ ଦିଆ ଯାଉନଥିବା ଅଭିଯୋଗ କରିଛନ୍ତି ଅଭିଭାବକ। ଉକ୍ତ ବିଷୟକୁ ନେଇ ବର୍ତ୍ତମାନ ଦାୟିତ୍ୱରେ ଥିବା ଜେମାଦେଇପୁର କେନ୍ଦ୍ର ନମ୍ବର (୧) ପ୍ରଶାନ୍ତି ଲତିକା ନନ୍ଦ ତାଙ୍କର ସ୍ୱାସ୍ଥ୍ୟ ଖରାପ ଥିବା ଲାଗି ମନା କରିବା ସତ୍ତ୍ୱେ ତାଙ୍କୁ ବାଧ୍ୟତାମୂଳକ ଭାବେ ଡୋଙ୍ଗରୀ କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିବା କହିଛନ୍ତି।

